**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**21 August – 2025**

# ମୁଖ୍ୟମନ୍ତ୍ରୀ–ସମୀକ୍ଷା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଭୁବନେଶ୍ୱର ଲୋକସେବା ଭବନରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ - ଏମଏସ୍ଏମ୍ଇ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଏମ୍ଏସ୍ଏମ୍ଇ କ୍ଷେତ୍ରରେ ବ୍ୟାପକ ନିଯୁକ୍ତିର ସୁଯୋଗ ଓ ସମ୍ଭାବନା ରହିଛି । ଯୁବଗୋଷ୍ଠୀଙ୍କୁ ଏମ୍ଏସ୍ଏମ୍ଇ କ୍ଷେତ୍ରକୁ ଅଧିକ ଆକୃଷ୍ଟ କରିବା ପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ନେଇ ମୁଖ୍ୟମନ୍ତ୍ରୀ ବରିଷ୍ଠ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ସବୁ ଜିଲ୍ଲାରେ ଏମ୍ଏସ୍ଏମ୍ଇ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଥିବା ବୈଠକରୁ ଜଣାପଡିଛି ।

# ନିବେଶ ପ୍ରସ୍ତାବ ଅନୁମୋଦନ

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକକ ବାତାୟନ ଅନୁମୋଦନ କମିଟି ବୈଠକରେ ୪ହଜାର ୫୧୫ କୋଟି ଟଙ୍କାର ୧୮ଟି ନିବେଶ ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଅନୁଗୋଳ, ଗଞ୍ଜାମ, ଯାଜପୁର, ଜଗତ୍‌ସିଂହପୁର, ଖୋର୍ଦ୍ଧା, ସୁନ୍ଦରଗଡ଼ ଓ ଝାରସୁଗୁଡା ଜିଲ୍ଲାରେ ହେବାକୁ ଥିବା ଏହିସବୁ ପ୍ରକଳ୍ପ ୮ହଜାର ୨୦୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଜଣାପଡିଛି ।

## ଅଗ୍ନି-୫ ପରୀକ୍ଷଣ

ଧାମରାସ୍ଥିତ ଅବଦୁଲ କଲାମ ଦ୍ୱୀପର ଏକୀକୃତ ପରୀକ୍ଷାକେନ୍ଦ୍ରରୁ ଗତକାଲି ମଧ୍ୟମ ଦୂରଗାମୀ ବାଲିଷ୍ଟିକ୍ ମିଶାଇଲ୍ ଅଗ୍ନି-୫ର ସଫଳ ପରୀକ୍ଷଣ ହୋଇଛି । ଏହି କ୍ଷେପଣାସ୍ତ୍ରର ୧୫ଶହ କିଲୋଗ୍ରାମ ପର୍ଯ୍ୟନ୍ତ ଯୁଦ୍ଧାସ୍ତ୍ର ବହନର କ୍ଷମତା ରହିଛି । ଉତ୍କ୍ଷେପଣ ସ୍ଥାନଠାରୁ ୫ହଜାର କିଲୋମିଟର ପର୍ଯ୍ୟନ୍ତ ଅଗ୍ନି-୫ ଲକ୍ଷ୍ୟଭେଦ କରିପାରିବ ।

---

## କର୍ମଶାଳା ଆୟୋଜନ

ଭୁବନେଶ୍ୱରରେ ଆଜିଠାରୁ ଦୁଇଦିନିଆ ମାନବ ହାତୀ ସହାବସ୍ଥାନ ଆହ୍ୱାନ ଏବଂ ଭବିଷ୍ୟତ ପନ୍ଥା ବିଷୟବସ୍ତୁ ଉପରେ ଏକ ଅନ୍ତର୍ଜାତୀୟ କର୍ମଶାଳାର ଆୟୋଜନ ହେଉଛି । ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଆୟୋଜିତ ହେବାକୁ ଥିବା କର୍ମଶାଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଯୋଗଦେବେ । କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ମଧ୍ୟ ଉପସ୍ଥିତ ରହିବେ ।

---

## ମନ୍ତ୍ରୀଙ୍କ ସମୀକ୍ଷା

ଗ୍ରାମ୍ୟ ଉନ୍ନୟନ ଏବଂ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବିନାରାୟଣ ନାୟକ କେନ୍ଦ୍ରାପଡା ଗସ୍ତ କରି ବିଭିନ୍ନ ଯୋଜନା ସମ୍ପର୍କରେ ସମୀକ୍ଷା କରିଛନ୍ତି । ସ୍ଥାନୀୟ ସର୍କିଟ୍ ହାଉସ୍ଠାରେ ଆୟୋଜିତ ବୈଠକରେ ପାନୀୟଜଳ ପ୍ରକଳ୍ପ, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଯୋଜନା, ବିକଶିତ ଗାଁ, ବିକଶିତ ଓଡ଼ିଶା, ପାନୀୟ ଜଳ ଯୋଗାଣକୁ ସୁଗମ କରିବା ଆଦି ଯୋଜନା ସମ୍ପର୍କରେ ସମୀକ୍ଷା ହୋଇଥିଲା ।

---

## ନିଟ୍ ଟପ୍ପର

ଏସ୍‌ସିବି ମେଡ଼ିକାଲ କଲେଜ ଏବଂ ହସ୍ପିଟାଲର ଛାତ୍ର ଡାକ୍ତର ପୁଶନ ମହାପାତ୍ର ନିଟ୍ ମେଡ଼ିକାଲ ପିଜି ପ୍ରବେଶିକା ପରୀକ୍ଷାରେ ଦେଶରେ ଟପ୍ପର ହୋଇଛନ୍ତି । କଟକ କାଳିଗଳି ଅଞ୍ଚଳର ପୁଶନ +୨ ଶେଷ କରିବା ପରେ ଏସ୍‌ସିବି ମେଡ଼ିକାଲ କଲେଜରେ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ନାମ ଲେଖାଇଥିଲେ । ପୁଶନଙ୍କ ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ସଫଳତା ପରେ ପୁଶନ କହନ୍ତି...

**V/O**

## ଶିଶୁସେବିକା-ମାର୍ଗଦର୍ଶିକା

ଶିଶୁବାଟିକାରେ ନିଯୁକ୍ତ ହେବାକୁ ଥିବା ଶିଶୁସେବିକା ମାନଙ୍କ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି । ମାର୍ଗଦର୍ଶିକା ଅନୁସାରେ  ଶିଶୁସେବିକା ମାନେ ବିଦ୍ୟାଳୟରେ ଏକ ସୁସ୍ଥ ବାତାବରଣ ସୃଷ୍ଟି କରିବା ସହ ଶିଶୁଙ୍କ ସୁରକ୍ଷା, ପାଠପଢ଼ା ଏବଂ ଅନ୍ୟାନ୍ୟ ଯତ୍ନ ନେବେ । ପ୍ରତି ୩୦ରୁ ୧୦୦ଜଣ ଶିଶୁଙ୍କ ଲାଗି ଗୋଟିଏ ଲେଖାଏଁ ଶିଶୁସେବିକା ନିୟୋଜିତ ହେବେ ବୋଲି କୁହାଯାଇଛି ।

## ମାଣ୍ଡିଆ ଉଠାଣ

ଓଡ଼ିଶାରୁ ପ୍ରଥମଥର ପାଇଁ ଭାରତୀୟ ଖାଦ୍ୟ ନିଗମ ଏଫ୍‌ସିଆଇ ମାଣ୍ଡିଆ ଉଠାଣ କରିଛି । ରାଜ୍ୟରେ ଉପଲବ୍ଧ ମାଣ୍ଡିଆର ପୁଷ୍ଟି ଓ ଖାଦ୍ୟ ଗୁଣାବତ୍ତାକୁ ଦୃଷ୍ଟିରେ ରଖି ଏଫ୍‌ସିଆଇ ପକ୍ଷରୁ ୪୦ହଜାର ମେଟ୍ରିକ ଟନ୍ ମାଣ୍ଡିଆ ଉଠାଣ

ପାଇଁ ନିଷ୍ପତ୍ତି ହୋଇଛି । ଏହିସବୁ ମାଣ୍ଡିଆ କୋରାପୁଟ ଓ ନବରଙ୍ଗପୁର ଭଳି ଆଦିବାସୀ ବହୁଳ ଜିଲ୍ଲାରେ ଉତ୍ପାଦନ ହୋଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୪-୨୫ ଖରିଫ୍ ଋତୁରେ ୬୪ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କ ଠାରୁ ୭୫ହଜାର ମେଟ୍ରିକ ଟନ୍ ମାଣ୍ଡିଆ ସଂଗ୍ରହ କରାଯାଇଥିଲା ।

## ଚାରାରୋପଣ

କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀ ପକ୍ଷରୁ ଆସନ୍ତା ମାସ ୧୭ ତାରିଖରେ ସାରା ରାଜ୍ୟରେ ୨ଲକ୍ଷ ଚାରାରୋପଣ କରାଯିବ । ଏନେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ସମୀକ୍ଷା କରିଛନ୍ତି ।

## ବୈଠକ

ଗଞ୍ଜାମ ଜିଲ୍ଲାପାଳଙ୍କ ସଦ୍‌ଭାବନା ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଭି. କୀର୍ତ୍ତିଵ୍ୱାସନଙ୍କ ଅଧ୍ୟକ୍ଷତାରେ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ଡିଜିଟାଲ ସର୍ଭେ, ସୁଗନ୍ଧ ଓ ଅଣସୁଗନ୍ଧଯୁକ୍ତ ସ୍ୱଦେଶୀ ଧାନଚାଷ ପାଇଁ ପ୍ରୋତ୍ସାହନ ଆଦି ବିଭିନ୍ନ ଯୋଜନା ଉପରେ ଆଲୋଚନା କରାଯାଇଥିଲା ।

## ଶିବିର

ଗଞ୍ଜାମ ଜିଲ୍ଲା ସଞ୍ଚୟ ଏବଂ ଆର୍ଥିକ ସେବା ବିଭାଗ ପକ୍ଷରୁ ଦୁଇଟି ଆର୍ଥିକ ସାକ୍ଷରତା ଏବଂ ଅନ୍ତର୍ଭୁକ୍ତିକରଣ ଶିବିର ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ଉପଖଣ୍ଡର ଚିକିଟି ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ଏବଂ କେ.ନୂଆଗାଁ ପଞ୍ଚାୟତ

ସମ୍ମିଳନୀ କକ୍ଷଠାରେ ଆୟୋଜିତ ଶିବିରରେ ବିଭିନ୍ନ ସଞ୍ଚୟ ଯୋଜନା,ସମ୍ପର୍କରେ ଆଲୋଚନା ହୋଇଥିଲା ।

## ଗୃହପ୍ରବେଶ କାର୍ଯ୍ୟକ୍ରମ

ନୂଆପଡା ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଭାରୁଆମୁଣ୍ଡା ଗ୍ରାମ ପଞ୍ଚାୟତଠାରେ ପ୍ରଧାନମନ୍ତ୍ରୀ ଜନମନ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୋଟିଏ ଦିନରେ ୧୦୦ଟି ଗୃହପ୍ରବେଶ ହୋଇଛି ।

## ଏସିଆ କପ୍ ହକି

ବିହାରର ରାଜଗିର ହକି ଷ୍ଟାଡିୟମରେ ଆସନ୍ତା ୨୯ ତାରିଖରୁ ସେପ୍ଟେମ୍ବର ୭ ପର୍ଯ୍ୟନ୍ତ ପୁରୁଷ ଏସିଆ କପ୍ ହକି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ । ଏଥିପାଇଁ ୧୮ଜଣିଆ ଭାରତୀୟ ଦଳରେ ଓଡ଼ିଶାରୁ ୩ଜଣ ସ୍ଥାନ ପାଇଛନ୍ତି । ଡିଫେଣ୍ଡର ଅମିତ ରୋହିଦାସ ଏବଂ ଶିଳାନନ୍ଦ ଲାକ୍ରା ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି । ନୀଲମ ସଞ୍ଜିପ ଖେସ୍‌ଙ୍କୁ ବଦଳ ଖେଳାଳି ଭାବେ ଦଳରେ ସାମିଲ କରାଯାଇଛି ।